## ସଂକ୍ଷେପରେ

### ସେଲ୍ ଡିଡ୍ ଜାଲିଆତି ମାମଲା
### ୱାରେଣ୍ଟ ବଳରେ ବୃଦ୍ଧା ଗିରଫ

**ବ୍ରହ୍ମପୁର ଅଫିସ୍,୧୮।୨:** ଏକ ଜମି ବିକ୍ରୟ ସେଲ୍ ଡିଡ୍ ଜାଲିଆତି ଘଟଣାରେ ଭିଜିଲାନ୍ସ ବିଭାଗ ୱାରେଣ୍ଟ ବଳରେ ଜଣେ ୯୦ ବର୍ଷୀୟା ବୃଦ୍ଧାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଛତ୍ରପୁର ଥାନା ଅଧୀନ ସିନ୍ଦୂରପୁର ଗ୍ରାମର ସତ୍ୟଭାମା ପଣ୍ଡା(୯୦) । ବୟସାଧିକ ଯୋଗୁ ସମ୍ପୃକ୍ତା ବୃଦ୍ଧାଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଇଶାନ କୁମାର ଦାସ ସୋମବାର ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି। ମାମଲାର ଚୂଡାନ୍ତ ଶୁଣାଣି ଆସନ୍ତା ୨୦ତାରିଖିକୁ ସ୍ଥଗିତ ରଖାଯାଇଥିବା ଜଣାଯାଇଛି । ପ୍ରକାଶଯେ, ୧୯୯୭ ରେ ଭିଜିଲାନ୍ସ ବିଭାଗରେ ସତ୍ୟଭାମା ଏକ ଜମି ବିକ୍ରୟ ବିଲେଖ (ସେଲ୍ ଡିଡ୍) ଜାଲିଆତି କରିଥିବା ନେଇ ଅଭିଯୋଗ ଆସିଥିଲା । ଅଭିଯୋଗକୁ ଭିତ୍ତିକରି ନଂ. ୫୩/୯୭ରେ ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ସାକ୍ଷ୍ୟ ଗ୍ରହଣ ସମୟରେ ଅଭିଯୁକ୍ତ ସତ୍ୟଭାମା କୋର୍ଟରେ ଆଦୌ ଉପସ୍ଥିତ ନ ହେବାରୁ ୨୦୧୬ ରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଯାଇଥିଲା । ଉକ୍ତ ୱାରେଣ୍ଟି ବଳରେ ଭିଜିଲାନ୍ସ ଇନ୍ସପେକ୍ଟର ସୋମନାଥ ବାରିକ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟରେ ହାଜର କରାଇଥିଲେ । ଅଭିଯୁକ୍ତ ବୃଦ୍ଧାଙ୍କ ବୟସାଧିକ୍ୟ ହେତୁ ତାଙ୍କୁ ଅଦାଲତ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର ଓ ପ୍ରଦୀପ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରୁଛନ୍ତି।

### ନିତ୍ୟାନନ୍ଦ ମହାପ୍ରଭୁଙ୍କ ଆବିର୍ଭାବ ମହୋତ୍ସବ

**ବ୍ରହ୍ମପୁର ଅଫିସ୍,୧୮।୨:** ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁଙ୍କ ଅଭିନ୍ନ ପ୍ରକାଶ ବିଗ୍ରହ ଶ୍ରୀମାନ୍ ନିତ୍ୟାନନ୍ଦ ମହାପ୍ରଭୁଙ୍କ ୫୪୬ ବର୍ଷ ଆବିର୍ଭାବ ମହୋତ୍ସବ ରବିବାର ସ୍ଥାନୀୟ ଖାସ୍ପାସାହି ଚୈତନ୍ୟ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ କରାଯାଇଥିଲା । ଅପରାହ୍ନ ୪ଟାରେ ନଗର କିର୍ତ୍ତନ ହୋଇଥିଲା। ସେବକ ଭଗବାନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଖାପାଖ ଅଞ୍ଚଳରୁ ବହୁ ଭକ୍ତ ସାମିଲ୍ ହୋଇଥିଲେ ।

# ବିଏସ୍ଏନ୍ଏଲ୍ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ବିଏସ୍ଏନ୍ଏଲ୍ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୧୮।୨**

ଭାରତ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍ଏନ୍ଏଲ୍)ର ସମସ୍ତ ୟୁନିୟନ୍ ଏବଂ ସଂଘଗୁଡ଼ିକ ତରଫରୁ ସୋମବାରରୁ ୩ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ୮ଦଫା ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ତୃତୀୟ ଦରମା କମିଶନଙ୍କ ସୁପାରିସ ଲାଗୁ ସହ ୨୫ପ୍ରତିଶତ ଫିଟମେଣ୍ଟ, ୪ଜି ସ୍ପେକ୍ଟ୍ରମ୍ ଯୋଗାଣ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଅବସର ନେଇଥିବା କର୍ମଚାରୀଙ୍କ ପେନ୍ସନ୍ ରିଭିଜନ୍, ପେନ୍ସନ୍ ବାବଦ ଅର୍ଥ ପ୍ରଦାନ, ଦ୍ୱିତୀୟ ଦରମା କମିଶନଙ୍କ ସୁପାରିଶର ବିଭିନ୍ନ ସମସ୍ୟା ସମାଧାନ, ବିଏସ୍ଏନ୍ଏଲ୍ ଜାଗା ଅଧିଗ୍ରହଣ ପ୍ରକ୍ରିୟା ତୁରନ୍ତ ସାରିବା, କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ବିଏସ୍ଏନ୍ଏଲ୍କୁ ସମସ୍ତ ସମ୍ପତ୍ତି ହସ୍ତାନ୍ତର, କେନ୍ଦ୍ର ମନ୍ତ୍ରୀସ୍ତରୀୟ କମିଟି ସୁପାରିଶ ଅନୁଯାୟୀ ବିଏସ୍ଏନ୍ଏଲ୍କୁ ଆର୍ଥିକ ସ୍ୱାବଲମ୍ବି ହେବାକୁ ପ୍ରୋତ୍ସାହନ ଦେବା, ବ୍ୟାଙ୍କ ଋଣ ଉଠାଣ ପାଇଁ ବିଏସ୍ଏନ୍ଏଲ୍କୁ କ୍ଷମତା, ବୋର୍ଡ଼ର ଡାଇରେକ୍ଟର ପଦବୀ ତୁରନ୍ତ ପୂରଣ ଏବଂ ମୋବାଇଲ୍ ଟାୱାର୍ ଦାୟିତ୍ୱରେ ଆଉଟ୍ସୋର୍ସିଂ କର୍ମଚାରୀଙ୍କୁ ହଟାଇବା ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ବିଏସ୍ଏନ୍ଏଲ୍ କର୍ମଚାରୀ ୟୁନିୟନ୍ ସଭାପତି ଜି.ଆର୍ଯ୍ୟା, ସମ୍ପାଦକ ଜେ.କାମେଶ୍ୱର ରାଓ, ସହସମ୍ପାଦକ ବାବୁରାଓ ଘଡ଼େଇ, ନ୍ୟାସନାଲ୍ ଫେଡେରେଶନ୍ ଅଫ୍ ଟେଲିକମ୍ ଏମ୍ପ୍ଲଇଜ୍ ସଭାପତି ଏ.ଡି. ପାତ୍ର, ସମ୍ପାଦକ ଗୁରୁନାଥ ରେଡ୍ଡୀ, ଅଲ୍ ଇଣ୍ଡିଆ ବିଏସ୍ଏନ୍ଏଲ୍ ଏକ୍ଜିକ୍ୟୁଟିଭ୍ ଆସୋସିଏଶନ୍ ସଭାପତି ମହମ୍ମଦ ସାଜିଦ୍, ସମ୍ପାଦକ ଶଶିକାନ୍ତ ମହାନ୍ତି, ସଞ୍ଚାର ନିଗମ ଏକ୍ଜିକ୍ୟୁଟିଭ୍ ଆସୋସିଏଶନ୍ ସଭାପତି ଅର୍ଥ ମିର୍ଦ୍ଧା ଏବଂ ସମ୍ପାଦକ ସିଏଚ୍. ପାଢୀ, ଟେଲିକମ୍ୟୁନିକେଶନ୍ ଏମ୍ପ୍ଲଇଜ୍ ପ୍ରୋଗ୍ରେସିଭ୍ ୟୁନିୟନ୍ ସଭାପତି ରମେଶ ପାତ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁ କର୍ମଚାରୀ ଏବଂ ଅଧିକାରୀ ଏହି ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି ।

# ଜିଲା ଭାଜପା ପକ୍ଷରୁ ସଂକଳ୍ପ ଶୋଭାଯାତ୍ରା



ଭାଜପାର ସଂକଳ୍ପ ଶୋଭାଯାତ୍ରା ।

**ବ୍ରହ୍ମପୁର ଅଫିସ,୧୮।୨**

ଗଞ୍ଜାମ ଜିଲା ଭାଜପା ପକ୍ଷରୁ ବ୍ରହ୍ମପୁରରେ ସଂକଳ୍ପ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାକିସ୍ତାନ ବିରୋଧରେ ଜନମତ ସୃଷ୍ଟି ଏବଂ ସେଠାର ଆତଙ୍କବାଦୀଙ୍କୁ ଦମନ ତଥା ମୂଳପୋଛ ପାଇଁ କେନ୍ଦ୍ର ସରକାର ଦୃଢ଼ ପଦକ୍ଷେପ ନେବା ଓ ଜନସାଧାରଣ ମଧ୍ୟ ସଂକଳ୍ପବଦ୍ଧ ହେବାକୁ ଏହା କରାଯାଇଥିଲା। ଜିଲା ସଭାପତି କାହ୍ନୁ ଚରଣ ପତି ଏହାର ନେତୃତ୍ୱ ନେଇଥିବା ବେଳେ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ। ବାଇକ୍ ଶୋଭାଯାତ୍ରା ସହର ସାରା ପରିକ୍ରମା କରିଥିଲା। ଶେଷରେ ଗାନ୍ଧୀନଗରର ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଜମ୍ମୁ-କଶ୍ମୀରରେ ଘଟିଥିବା ଆତଙ୍କବାଦୀଙ୍କ ଶକ୍ତିଶାଳୀ ବିସ୍ଫୋରଣରେ ଶହୀଦ ହୋଇଥିବା ଦେଶର ବୀର ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମୂହ ପ୍ରାର୍ଥନା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ସୁନୀଲ କୁମାର ସାହୁ, ପ୍ରବୀର ପାତ୍ର, ରାଜେଶ ସାହୁଙ୍କ ସମେତ ଶିଶିର ପାଢ଼ୀ, ଅମୂଲ୍ୟ ଚୌଧୁରୀ, ସୁନୀଲ ପାତ୍ର, ପ୍ରଦୀପ ଶତପଥୀ ଓ ମଦନ ମୋହନ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍. ରାଣୀଙ୍କ ସମେତ ମହିଳା ମୋର୍ଚ୍ଚା ଓ ଛାମୁଆ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ଅବସରପ୍ରାପ୍ତ ପୌରକର୍ମଚାରୀଙ୍କ ଧାରଣା

**ପୁରୁଷୋତ୍ତମପୁର, ୧୮।୨(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ୫ ଦଫା ଦାବି ନେଇ ଅବସରପ୍ରାପ୍ତ କର୍ମଚାରୀମାନେ ସୋମବାର ଧାରଣା ଦେଇଛନ୍ତି। ଦାବି ପୂରଣ ହେବା ଯାଏ ଧାରଣାରେ ବସିବା ସହ ଆମରଣ ଅନସନ କରିବୁ ବୋଲି ସେମାନେ କହିଛନ୍ତି। ଟିକସ ଅସୁଲକାରୀଙ୍କ ବକେୟା ବର୍ଦ୍ଧିତ ଦରମା ପ୍ରଦାନ, ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ପଞ୍ଚମ ବେତନର ବକେୟା ଦରମା ଦେବା, ୫୮ ବର୍ଷରୁ ୬୦ ବର୍ଷର ବର୍ଦ୍ଧିତ ବକେୟା ପ୍ରାପ୍ୟ ଦେବା, ସହକାରୀ ଟିକସ ଅସୁଲକାରୀଙ୍କ ଏସିପି ସଂଶୋଧନ କରିବା, ସପ୍ତମ ବେତନ ଅନୁସାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍ସନ ଦେବା ଲାଗି ଦାବି କରିଛନ୍ତି। ଏ ନେଇ ଅବସରପ୍ରାପ୍ତ କର୍ମଚାରୀମାନେ ୨ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏନ୍ଏସି କର୍ତ୍ତୃପକ୍ଷଙ୍କ ସମେତ ନଗର ଉନ୍ନୟନ ବିଭାଗୀୟ ସଚିବ, ଡାଇରେକ୍ଟର ଓ ଜିଲା ପ୍ରଶାସନଠାରେ ଦାବି କରିଥିଲେ। କିନ୍ତୁ ଏଥିପ୍ରତି କେହି ଗୁରୁତ୍ୱ ନ ଦେବାରୁ ଧାରଣାରେ ବସିଥିବା କହିଛନ୍ତି। ଏଥିରେ ବ୍ରଜ ବେହେରା, ସୁବାସଚନ୍ଦ୍ର ପଣ୍ଡା, ରାମାରାଓ ପ୍ରମୁଖ ସାମିଲ ଥିଲେ।

## ସେଲ୍ଫି କର୍ଣ୍ଣର


ମୃତ୍ୟୁଞ୍ଜୟ


ସୁନୀଲ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
bmpselfie@gmail.com
(ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

**ବକ୍ତବ୍ୟ ରଖିବାକୁ ମିଳିଲାନି ସୁଯୋଗ**

ଭଞ୍ଜନଗର, -ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୌଦ୍ଧ କାର୍ଯ୍ୟକ୍ରମ ସାରି ନିର୍ଦ୍ଧାରିତ ସମୟରେ ଭଞ୍ଜନଗରରେ ପହଞ୍ଚିଥିଲେ। ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ ପରେ ମାତ୍ର ୨ ମିନିଟ ୨୫ ସେକେଣ୍ଡ ଭାଷଣ ଦେଇଥିଲେ । ମଞ୍ଚରେ ଜିଲାର ଅଧିକାଂଶ ବିଧାୟକ ଉପସ୍ଥିତ ଥିଲେ ମଧ୍ୟ ସେମାନଙ୍କୁ ପଦେ ବି କହିବାକୁ ସୁଯୋଗ ମିଳି ନ ଥିଲା। କେବଳ ରାଜ୍ୟ ସଭା ଏମ୍ପି ଡ. ଅଚ୍ୟୁତ ସାମନ୍ତ ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ହିସାବରେ ବିକ୍ରମ କେଶରୀ ଆରୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀ ସଭାରେ ମାତ୍ର ୨୫ ମିନିଟ ରହିଥିଲେ ।

**ଜିଲାର ୨ ମନ୍ତ୍ରୀ ଅନୁପସ୍ଥିତ**

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଜିଲାର ୨ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ଉଷା ଦେବୀ ଅନୁପସ୍ଥିତ ଥିଲେ । ସେମାନେ କେଉଁ କାରଣରୁ ସଭାକୁ ଆସି ନ ଥିଲେ ତାହା ଠିକ୍ ଭାବେ ଜଣାପଡିନାହିଁ। ସେହିପରି କନ୍ଧମାଳ ଲୋକ ସଭା କ୍ଷେତ୍ର ଅଧୀନରେ ଭଞ୍ଜନଗର ବିଧାନସଭା ମଣ୍ଡଳୀ ଯାଉଥିଲେ ମଧ ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସଭାରେ ଅନୁପସ୍ଥିତ ଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ, ବିକ୍ରମ ପଣ୍ଡା, ଭଗବାନ ଗନ୍ତାୟତ, ଜିଲା ବିଜେଡ଼ି, ଯୁବ ବିଜେଡ଼ି ନେତା ଓ ମହିଳା ବିଜେଡ଼ି ନେତ୍ରୀ ପ୍ରମୁଖ ଅତିଥିମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବସିଥିଲେ ।

**ନିଶା ନିବାରଣ ଶୋଭାଯାତ୍ରା**

ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଭଞ୍ଜନଗର ବ୍ଲକ ଗାଲେରି ଓ ହରିଗଡ଼ ପଞ୍ଚାୟତ ଲୋକେ କଲେଜ ଛକରୁ ଶୋଭାଯାତ୍ରାରେ ଆସିଥିଲେ । ସେମାନେ ନିଶା ନିବାରଣ ବ୍ୟାନର ଧରି ଶୋଭାଯାତ୍ରାରେ ପ୍ରାୟ ୩ କିମି ଦୂର ସଭାସ୍ଥଳକୁ ଆସିଥିଲେ । ଯାହା କି ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ସଭାରେ ବିଶେଷକରି ମହିଳାମାନଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଥିଲା ।

**ହରିୟାଣାରୁ ଆସିଥିଲା ଟେଣ୍ଟ**

ପୂର୍ବରୁ ଗଞ୍ଜାମ ଜିଲାର ବିଭିନ୍ନ ବିଜେଡ଼ି ସଭାସମିତି ପାଇଁ ସ୍ଥାନୀୟ ଅଞ୍ଚଳରୁ ଟେଣ୍ଟ ଆସି କାମ ଚଳାଇ ଦିଆଯାଉଥିଲା । କିନ୍ତୁ ବିରୋଧୀ ଦଳର ମଞ୍ଚକୁ ଦେଖି ଶାସକଦଳ ମଧ ଶୀତତାପ ନିୟନ୍ତ୍ରିତ ଟେଣ୍ଟ, ବଡ଼ ପରଦାରେ ଭିଡ଼ିଓ ଦେଖିବା, କାର୍ଯ୍ୟକ୍ରମ ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଆଦି କରାଯାଇଥିଲା। ସୋମବାର ଭଞ୍ଜନଗର କାର୍ଯ୍ୟକ୍ରମ ପାଇଁ ହରିୟାଣାରୁ ଟେଣ୍ଟ ଆସିଥିବା ଜଣାପଡ଼ିଛି ।

**ସାଧାରଣ ନିର୍ବାଚନ ପୂର୍ବରୁ ଶକ୍ତି ପ୍ରଦର୍ଶନ**

ଆଉ କିଛିଦିନ ପରେ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବ। ଏହା ପୂର୍ବରୁ ଶାସକ ଦଳର କର୍ମୀମାନେ ପୃଥକ ଭାବେ ସହରରେ ଶୋଭାଯାତ୍ରା କରି ସଭାସ୍ଥଳକୁ ଆସିଥିଲେ। ସଭାରେ ପ୍ରାୟ ୨୫ ହଜାର ଲୋକଙ୍କ ସମାଗମ ହୋଇଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି। କାର୍ଯ୍ୟକ୍ରମ କିଭଳି ସଫଳ ହେବ, ସେଥିପାଇଁ ମନ୍ତ୍ରୀ ଆରୁଖ ଟିକିନିଖି ତଦାରଖ କରୁଥିଲେ । ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ସଭାର ସଫଳତାକୁ ନେଇ ଶାସକ ଦଳର ନେତା ଓ କର୍ମୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି ।

# ବନ୍ଦ ରହିଲା ବ୍ୟବସାୟିକ ପ୍ରତିଷ୍ଠାନ

**ଭଞ୍ଜନଗର,୧୮।୨(ଡି.ଏନ.ଏ.)**

ପୁଲୱାମାରେ ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ସୋମବାର ଦେଶବ୍ୟାପୀ ଦିନିକିଆ ଦୋକାନ ବଜାର ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ବିଭିନ୍ନ ସ୍ଥାନରେ ପଡିଛି। ଭଞ୍ଜନଗର, ବେଲଗୁଣ୍ଠା, ଗାଲେରୀ ବଜାର ବନ୍ଦ ଥିଲା। ଗାଲେରିରେ ରବୀନ୍ଦ୍ର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ହୋଇଥିଲା। **ବେଗୁନିଆପଡା:** ବେଗୁନିଆପଡା ବଣିକ ସଂଘ ସଭାପତି ନାରାୟଣ ଜେନା ଓ ସମ୍ପାଦକ କୀର୍ତ୍ତନ ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ଯୁବକ ପରିବା ବଜାର ଛକଠାରେ ଏକତ୍ରିତ ହୋଇ ଶୋକସଭା କରିଥିଲେ। **ଆସିକା:** ଆସିକାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବଣିକ ସଂଘ ପକ୍ଷରୁ ସତ୍ୟନାରାୟଣ ମନ୍ଦିର ସମ୍ମୁଖରେ ସଂଘ ସଭାପତି ଅରୁଣ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହୋଇଥିଲା। **ଚିକିଟି:** ଚିକିଟିରେ ବିଜୁ ଯୁବ ବାହିନୀ ପକ୍ଷରୁ ସୋମବାର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। **ପୋଲସରା:** ବ୍ୟବସାୟୀ ସଂଘ ପକ୍ଷରୁ ପୋଲସରା ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିଥିଲେ। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଶହୀଦ ବୀର ଯବାନମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା । **ଦିଗପହଣ୍ଡି/ପାଟପୁର:** ଆତଙ୍କବାଦୀ ଆକ୍ରମଣର ପ୍ରତିବାଦରେ ରାଜ୍ୟ ବ୍ୟବସାୟୀ ସଂଘର ବନ୍ଦ ଡାକରାକୁ ଦିଗପହଣ୍ଡି ଓ ପାଟପୁର ଅଞ୍ଚଳରେ ସମର୍ଥନ କରାଯାଇଛି। ଡ଼େଙ୍ଗାଓସ୍ତା-ଭୀଷ୍ମଗିରି ଛକରେ ଆତଙ୍କବାଦୀମାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । **ପାତ୍ରପୁର:** ପାତ୍ରପୁର ବ୍ଲକର ବିଭିନ୍ନ ଗ୍ରାମବାସୀ ଓ ସଙ୍ଗଠନ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପାତ୍ରପୁର ବଣିକ ସଂଘ, ନାରାୟଣପୁର, କେଲୁଆ, ଜରଡ଼ାଠାରେ କଳେଶ୍ୱର ଯୁବକ ସଂଘ ପ୍ରମୁଖ ଗ୍ରାମରେ ନୀରବ ପ୍ରାର୍ଥନା କରାଯାଇଥିଲା । **ଧରାକୋଟ:** ଧରାକୋଟରେ ସମସ୍ତ ବ୍ୟବସାୟୀଙ୍କ ପକ୍ଷରୁ ଶହୀଦ ଉଦ୍ଦେଶ୍ୟରେ ସୋମବାର ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କାରାଯାଇଛି। ମୁଣ୍ଡମରାଇ ବଣିକ ସଂଘ, ପରିବା ବ୍ୟବସାୟୀ ସଂଘ ସହ ସମସ୍ତ ଅନୁଷ୍ଠାନ ତଥା ସମସ୍ତ ଜନ ସାଧାରଣ ସାମିଲ ହୋଇଥିଲେ। ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା। ସନ୍ଧ୍ୟାରେ ଏକ ସଭାରେ ଶହୀଦଙ୍କ ପାଇଁ ଗ୍ରାମ୍ୟ ସଭାପତି ପି. ତ୍ରିନାଥ ପାତ୍ରଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା। **ହିଞ୍ଜିଳିକାଟୁ:** ଟ୍ରେଡ ୟୁନିୟନ ଡାକରାରେ ସୋମବାର ଶହୀଦ ଯବାନଙ୍କ ପାଇଁ ହିଞ୍ଜିଳିକାଟୁର ବିଭିନ୍ନ ବ୍ୟବସାୟିକ ସଂସ୍ଥା ବନ୍ଦ ରହିଥିଲା। ଲକ୍ଷ୍ମୀ ନୃସିଂହ ବଣିକ ସଂଘ ପକ୍ଷରୁ ସୋମବାର ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ବ୍ୟବସାୟୀ ପୂର୍ବାହ୍ନରେ ଆର୍ଏମ୍ସି ପରିସରୁ ଏକ ଶୋଭାଯାତ୍ରାରେ ବାହାରି ବଇଁଚବଣିଆ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ଯବାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୀପଦାନ କରାଯାଇଥିଲା। **ଚନ୍ଦ୍ରଗିରି:** ଗଜପତି ଜିଲାର ଚନ୍ଦ୍ରଗିରି, ମୋହନା, ଚାନ୍ଦିପୁଟ , ମହେନ୍ଦ୍ରଗଡ଼ ଆଦି ଅଞ୍ଚଳରେ ପ୍ରାୟତଃ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସ୍ଥାନୀୟ ଅଞ୍ଚଳଗୁଡିକରେ ଜନସାଧାରଣ ଏକତ୍ରିତ ହୋଇ ଶୋଭାଯାତ୍ରା କରିବା ସହ ସଭା ଆୟୋଜନ କରି ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। **ଆର.ଉଦୟଗିରି:** ଆର.ଉଦୟଗିରି ବ୍ଲକର ଛେଳିଗଡ଼, ଆର.ଉଦୟଗିରି, ମହେନ୍ଦ୍ରଗଡ଼, ରାମଗିରି, ନୂଆଗଡ଼ ବ୍ଲକର ନୂଆଗଡ଼, ଖଜୁରିପଦା, ବଡ଼ପଦା ଆଦି ଅଞ୍ଚଳରେ ଦୋକାନ ବଜାର ସୋମବାର ବନ୍ଦ ରହିଥିଲା । ସକାଳ ୬ଟାରୁ ଆର.ଉଦୟଗିରି ଗ୍ରାମର ବିଭିନ୍ନ ସ୍ଥାନରେ କାଠଗଣ୍ଡି ଏବଂ ବଡ଼ ବଡ଼ ପଥର ପକାଇ ରାସ୍ତା ଅବରୋଧ କରିବା ସହ ଆତଙ୍କବାଦୀଙ୍କ ବିରୋଧରେ ନାରାବାଜି କରିବା ସହ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। **ଫୁଲବାଣୀ ଅଫିସ/କୋଟଗଡ:** ପୁଲୱାମାରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ସୋମବାର ବଣିକ ସଂଘ ପକ୍ଷରୁ ସମସ୍ତ ଦେକାନ ବଜାର ବନ୍ଦ ରହିଥିଲା । ପୂର୍ବାହ୍ନ ସାଢ଼େ ୧୧ଟାରେ ବିଜୁ ପଟ୍ଟନାୟକ ଛକରେ ସମସ୍ତେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ସେମାନେ ମେଡିକାଲ ଏବଂ ବସ୍ଷ୍ଟାଣ୍ଡ ଦେଇ ପୁଣି ଆସି ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲେ। ସେଠାରେ ସମବେତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶହୀଦ ଯବାନଙ୍କ ଏକ ବିରାଟ ବ୍ୟାନର ଷ୍ଟେଜରେ ଲଗା ଯାଇଥିଲା । ଫୁଲବାଣୀ ବଣିକ ସଂଘ ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ସେହିପରି କୋଟଗଡ ବଣିକ ସଂଘ ପକ୍ଷରୁ ମଧ୍ୟ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୋକାନ ବଜାର ବନ୍ଦ କରାଯାଇଥିଲା । ବ୍ୟବସାୟୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ରାଲିରେ ବାହାରି ସହର ପରିକ୍ରମା କରିଥିଲେ । ଏହାପରେ ପୁଣି ମନ୍ଦିରକୁ ଫେରି ସେଠାରେ ଶ୍ରଦ୍ଧାଞ୍ଜଳି ସଭା କରିଥିଲେ । କୋଟଗଡ ବଣିକ ସଂଘ ସଭାପତି ତାରିଣୀ ପ୍ରସାଦ ପତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ସାରଙ୍ଗଗଡରେ ବଣିକ ସଂଘ ସଭାପତି କେଶବ ଚନ୍ଦ୍ର ସାହୁ, ଉପ ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାଲି ବଜାର, ଗ୍ରାମ ଓ ବସ୍ ଷ୍ଟାଣ୍ଡ ଆଦି ପରିକ୍ରମା କରିଥିଲା । **ରାଇକିଆ:** ଶହୀଦ ଯବାନଙ୍କୁ ସମ୍ମାନ ଜଣାଇ ସୋମବାର ରାଇକିଆ ସହରରେ ସମସ୍ତ ଦୋକାନ ବଜାର ସକାଳ ୬ରୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସହର ପରିକ୍ରମା କରିଥିଲେ। ମୁଖ୍ୟ ବଜାର ଚାରିଛକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଏବଂ ଜୈଶ ଏ ମହମ୍ମଦର ମୁଖ୍ୟ ମାସୁଦ ଆଝାରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। **ଜି.ଉଦୟଗିରି:** ଜି.ଉଦୟଗିରି ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଶହୀଦ ଯବାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା, ଶୋଭାଯାତ୍ରା, ନୀରବ ପ୍ରାର୍ଥନା ସହ ସହରରେ ୧୨ ଘଣ୍ଟିଆ ଦୋକାନ ବଜାର ବନ୍ଦ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ବ୍ୟବସାୟୀ, ଅବସରପ୍ରାପ୍ତ ଯବାନ, ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେଇଥିଲେ। **କ.ନୂଆଗାଁ:** କ.ନୂଆଗାଁରେ ମଧ ଶହୀଦ ଯବାନଙ୍କୁ ସମ୍ମାନ ଜଣାଇ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ବିଇଓଙ୍କ କାର୍ଯ୍ୟାଳୟରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସନ୍ଧ୍ୟାରେ ଯୁବକ, ଶିକ୍ଷକ, ବୁଦ୍ଧିଜୀବୀ ପ୍ରମୁଖ ସ୍ଥାନୀୟ ଦୁର୍ଗାମଣ୍ଡପରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। **ବାଲିଗୁଡ଼ା:** ଅଲ୍ ଇଣ୍ଡିଆ ଟ୍ରେଡର୍ସ ୟୁନିୟନର ୧୨ ଘଣ୍ଟିଆ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ଜଣାଇ ବାଲିଗୁଡ଼ାର ବଣିକ ସଂଘ, କ୍ଷୁଦ୍ର ବଣିକ ସଂଘ ତରଫରୁ ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସ୍ୱତଃପୂର୍ତ୍ତ ଭାବେ ସମସ୍ତ ଦୋକାନ ବନ୍ଦ ରଖାଯାଇଥିଲା। ସଂଘର ତରଫରୁ ସଭା ଆୟୋଜନ କରାଯାଇ ଶହୀଦମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।



କନ୍ଧମାଳ ଜିଲା କୋଟଗଡରେ ବାହାରିଥିବା ଶୋଭାଯାତ୍ରା ।

# ମାନା ଟ୍ରଷ୍ଟରେ କର୍ମଚାରୀଙ୍କ ଅସନ୍ତୋଷ


ମାନା ଟ୍ରଷ୍ଟ କର୍ତ୍ତୃପକ୍ଷଙ୍କ ସହ ସଫେଇ କର୍ମଚାରୀମାନେ ଆଲୋଚନା କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୧୮।୨:** ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ଏବଂ ଆହାର କେନ୍ଦ୍ରକୁ ଖାଦ୍ୟ ଯୋଗାଉଥିବା ମାନା ଟ୍ରଷ୍ଟରେ ସୋମବାର କର୍ମଚାରୀଙ୍କ ଅସନ୍ତୋଷ ଦେଖିବାକୁମିଳିଛି। ଦରମାକୁନେଇ ସଫେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ନିଯୁକ୍ତି ସମୟରେ ୨୨୪ଟଙ୍କା ଦରମା ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏବେ କେବଳ ୨୦୪ଟଙ୍କା ମିଳୁଛି। ବଳକା ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ କଲେ, କର୍ତ୍ତୃପକ୍ଷ ଭ୍ରାନ୍ତିକର ତଥ୍ୟ ଦେଉଛନ୍ତି । ଏନେଇ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଏହାକୁ ନେଇ ରବିବାର ସଫେଇ କର୍ମଚାରୀମାନେ କାମ ବନ୍ଦ କରିଥିଲେ। କର୍ତ୍ତୃପକ୍ଷ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଇପିଏଫ୍ ବାବଦରେ ବଳକା ଟଙ୍କା କଟୁଛି ବୋଲି ମାନାର ଜଣେ ଅଧିକାରୀ କହିଛନ୍ତି । ଏହି ସଂସ୍ଥା ହାଇଦ୍ରାବାଦର ହୋଇଥିବା ଯୋଗୁ ତେଲେଙ୍ଗାନା ରାଜ୍ୟର ନିୟମ ଅନୁଯାୟୀ ଦରମାରୁ ଟଙ୍କା କଟୁଛି ବୋଲି ସମ୍ପୃକ୍ତ ଅଧିକାରୀ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ବାବା ପାତାଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ଫାଇନାଲକୁ ଗଲା ଚେରମାରିଆ

ଆସିକା, ୧୮।୨(ଡି.ଏନ୍.ଏ.)- ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତ ଚାଟୁଳା ଗ୍ରାମରେ ଚାଲିଥିବା ବାବା ପାତାଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ସେମିଫାଇନାଲ ନଳବଣ୍ଟା ଦଳ ଓ ଚେରମାରିଆ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଚେରମାରିଆ ଦଳ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଛି। ଟସ ଜିଣି ନଳବଣ୍ଟା ଦଳ ବ୍ୟାଟିଂ କରି ୧୯.୧ ଓଭରରେ ୧୩୫ ରନ୍ କରି ସମସ୍ତ ଖେଳାଳି ଆଉଟ ହୋଇଯାଇଥିବା ବେଳେ ଚେରମାରିଆ ଦଳ ୧୫.୪ ଓଭରରେ ୫ ଉଇକେଟ ହରାଇ ୧୩୬ ରନ୍ କରି ବିଜୟୀ ହୋଇଥିଲେ । ଚେରମାରିଆ ଦଳର ଦିଲୁ ସ୍ୱାଇଁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସନ୍ତୋଷ ଜେନା, ରାଜେଶ ଜେନା ଓ ବୁଲୁରାମ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତା ବୁଧବାର ଆସିକା ପାନାସୋନିକ ଦଳ ଓ ଚେରମାରିଆ ଦଳ ମଧ୍ୟରେ ହେବ ।

## ବିଦ୍ୟୁତ୍ ଆଘାତରେ ନାବାଳିକା ଗୁରୁତର

ହିଞ୍ଜିଳିକାଟୁ,୧୮।୨(ଡି.ଏନ୍.ଏ.)-ହିଞ୍ଜିଳିକାଟୁ ଥାନା ତୋଟା ସାହିର ଜଣେ ନାବାଳିକା ସୋମବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ରଶ୍ମିତା ସାହୁ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ରଶ୍ମିତା ଛାତ ଉପରକୁ ଲୁଗା ଶୁଖାଇବା ପାଇଁ ଯାଇଥିଲେ। ଏହି ସମୟରେ ଏକ ମାଙ୍କଡ଼ ଛାତ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଉପରକୁ ଡେଇଁ ପଡ଼ିବାରୁ ତାରଟି ତଳକୁ ଓହଳି ଲୁଗା ସଂସ୍ପର୍ଶରେ ଆସିଥିଲା। ଫଳରେ ସେ ବିଦ୍ୟୁତ୍ ଆଘାତ ପାଇ ଆହତ ହୋଇଥିଲେ ।

## କିଶୋରଚନ୍ଦ୍ରପଲ୍ଲୀ ସ୍କୁଲରେ ବାର୍ଷିକ ଉତ୍ସବ

ଧରାକୋଟ,୧୮।୨(ଡି.ଏନ୍.ଏ.)- ଧରାକୋଟ ଜଗମୋହନସ୍ଥିତ କିଶୋରଚନ୍ଦ୍ରପଲ୍ଲୀ ଉତ୍କଳ ପବ୍ଲିକ ସ୍କୁଲରେ ସଭାପତି କୃଷ୍ଣମୂର୍ତ୍ତି ମହାରଣାଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଡ. ବିମଳ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ସମାଜସେବୀ ପ୍ରଫୁଲ୍ଲ କୁମାର ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧକ୍ଷ ତଥା ଶିକ୍ଷାବିତ ଝରେନ୍ଦ୍ର ନାୟକ ମଞ୍ଚାସୀନ ରହିଥିଲେ। ସମ୍ପାଦକ ଦେବରାଜ ବିଶ୍ୱାଳ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭାଗୀରଥି ମହାରଣା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୯୨ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିବେଶ ସୁରକ୍ଷା ବିଷୟ ଉପରେ ନାଟକ ମଞ୍ଚସ୍ଥ ହେବା ସହ ଛାତ୍ରୀଛାତ୍ରଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସମସ୍ତ ଛାତ୍ରୀଛାତ୍ର,ଅଭିଭାବକ ଯୋଗ ଦେଇଥିଲେ।

### ସାପ କାମୁଡ଼ାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ
# ଖଣ୍ଡଦେଉଳୀ ମେଡିକାଲରେ ଉତ୍ତେଜନା

ଗଞ୍ଜାମ,୧୮।୨(ଡି.ଏନ.ଏ.)

ରମ୍ଭା ଥାନା ଗଞ୍ଜାମ ବ୍ଲକ ଖଣ୍ଡଦେଉଳୀ ଗ୍ରାମର ଜଣେ ଛାତ୍ରୀଙ୍କ ରବିବାର ସନ୍ଧ୍ୟାରେ ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଭଗବାନ ଜେନାଙ୍କ ଝିଅ ଦୀପ୍ତିମୟୀ (୧୬) । ଶହୀଦ ଭଗତ ସିଂ କଲେଜର ଯୁକ୍ତ ୨ ଛାତ୍ରୀ । ତାଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀ ଏବଂ କଲେଜ ଛାତ୍ରୀଛାତ୍ର ୧୦୮, ୧୦୨ ଆମ୍ବୁଲାନ୍ସ ଓ ସ୍ଥାୟୀ ଡ଼ାକ୍ତର ନିଯୁକ୍ତି ଦାବିରେ ସୋମବାର ଧାରଣା ଦେଇଥିଲେ। ଏଥିସହିତ ମେଡିକାଲରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ, ରବିବାର ଦୀପ୍ତିମୟୀ ଟିଉଶନରୁ ଫେରି ଘର ଖଟରେ ବସିଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଘର ଲୋକ ତାଙ୍କୁ ଖଣ୍ଡଦେଉଳୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଇଞ୍ଜେକ୍ସନ ଦେଇଥିଲେ ମଧ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଛତ୍ରପୁର ମେଡିକାଲ ନିଆଯାଇଥିଲା। କିନ୍ତୁ ଉକ୍ତ ଡ଼ାକ୍ତରଖାନାରେ ୧୦୮ ଆମ୍ବୁଲାନ୍ସ ନ ଥିବାରୁ ପୁରୁଷୋତ୍ତମପୁର ଡାକ୍ତରଖାନାରୁ ୧୦୮ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଘଟିଥିଲା । ଫଳରେ ସେତେବେଳେ ମଧ ଉତ୍ତେଜନା ଦେଖା ଦେଇଥିଲା । ସଙ୍ଗେ ସଙ୍ଗେ ଛତ୍ରପୁର ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି । ଖବର ଲେଖା ହେବା ସୁଦ୍ଧା କୌଣସି ପ୍ରାଶାସନିକ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଏ ନେଇ ଡ଼ାକ୍ତର ସାଗରିକା ପ୍ରଧାନ କହିଛନ୍ତି, ଏହି ମେଡିକାଲକୁ ୧୦୮ ଓ ୧୦୨ର ଆମ୍ବୁଲାନ୍ସର ଆବଶ୍ୟକତା ରହିଛି । ଏହି ମେଡିକାଲ ଉପରେ ଖଣ୍ଡଦେଉଳୀ, ବିରୁଳିଗଡ଼, ପୋଇରାଶି, କାଇଁଚପୁର, ପାଲଙ୍ଗ, ସାତୁଳୀ ଓ କୁଜିଢ଼େପା ଇତ୍ୟାଦି ଗ୍ରାମର ଲୋକ ନିର୍ଭର କରୁଛନ୍ତି । ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବା ଯୋଗା ନ ଯିବା ପର୍ଯ୍ୟନ୍ତ ଧାରଣାରୁ ହଟିବୁ ନାହିଁ ବୋଲି ଗ୍ରାମବାସୀ ଓ ଛାତ୍ରୀଛାତ୍ର ସୂଚନା ଦେଇଛନ୍ତି । ଏ ନେଇ ମୁଖ୍ୟ ଚିକିତ୍ସକ ଡ଼ା. ସୁଧାକର ଦାସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ସେମାନେ ବୁଝି ନ ଥିଲେ। ଏ ସମ୍ପର୍କରେ ସିଡିଏମଓଙ୍କୁ ଅବଗତ କରାଯାଇଥିବା ଡ଼. ଦାସ କହିଛନ୍ତି ।



ଖଣ୍ଡଦେଉଳୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା ।

## ୧୦୭ କେଜି ଗଞ୍ଜେଇ ଜବତ, ୫ ଗିରଫ

ମୋହନା,୧୮।୨(ଡି.ଏନ୍.ଏ.)

ଅଡବା ଥାନା ଓ ମୋହନା ଥାନା ପୋଲିସ ପକ୍ଷରୁ ସୋମବାର ପୃଥକ ଭାବେ ଚଢ଼ାଉ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି। ଭୋରରେ ପାଟ୍ରୋଲିଂ କରୁଥିବା ଅଡ଼ବା ପୋଲିସ ଚୁଡଙ୍ଗପୁର ପଞ୍ଚାୟତ ରେଣୁ ଗ୍ରାମରୁ ୮୨ କେଜି ଗଞ୍ଜେଇ ଜବତ କରିବା ସହ ୪ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଶତମ ଖାନ, ମିଜାନ ଖାନ, ସାହାଗିର ଖାନ ଓ ମୁଶରତ ଖାନ। ଅଭିଯୁକ୍ତମାନେ ପଶ୍ଚିମବଙ୍ଗର ବୋଲି ଅଡବା ଥାନାଧିକାରୀ ମୁକେଶ ଲାକ୍ରା କହିଛନ୍ତି। ଚଢାଉରେ ଏସଆଇ ମମତା ପଣ୍ଡା, ଉତ୍କଳ କେଶରୀ ପ୍ରଧାନ ଓ କର୍ମଚାରୀମାନେ ସାମିଲ ଥିଲେ। ସେହିପରି ମୋହନା ପୋଲିସ ଥାନା ନିକଟ କାଳିଆ ପଡା ଛକ ନିକଟରୁ ଅନ୍ତରବା ଗ୍ରାମର ଜେମିଆସ ମାଲିଙ୍କଠାରୁ ୨୫ କେଜି ଗଞ୍ଜେଇ ଜବତ ସହ ତାଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ୬ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବ୍ୟାହତ
# ୧୨ ଦଫା ଦାବିରେ ଡାକ୍ତର, ଫାର୍ମାସିଷ୍ଟଙ୍କ ଧାରଣା

ପୁରୁଷୋତ୍ତମପୁର,୧୮।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମା, ପ୍ରତାପୁର, ବଡ଼ଖରିଡ଼ା ଓ ପାଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦିରେ ଥିବା ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫନର୍ସ, ଏଏନ୍ଏମ୍ ଓ କର୍ମଚାରୀମାନେ ୧୨ ଦଫା ଦାବି ନେଇ ସୋମବାର ଆନ୍ଦୋଳନ କରିଛନ୍ତି। କର୍ମଚାରୀମାନେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଛନ୍ତି, ଯାହା ଦ୍ୱାରା ସମଗ୍ର ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଖବର ପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା.ଜଗଦୀଶ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ କର୍ମଚାରୀଙ୍କ ସହ ଆଲୋଚନା କରି ଆନ୍ଦୋଳନରୁ ଓହରିବା ଲାଗି ପରାମର୍ଶ ଦେଇଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଯଥା ସମ୍ଭବ ସମସ୍ୟାର ସମାଧାନ କରିବା ଲାଗି ପ୍ରତିଶ୍ରୁତି ଦେବା ସହ ୩ଜଣ କିରାଣିଙ୍କୁ ଡେପୁଟେଶନରେ କାର୍ଯ୍ୟ କରିବା ଲାଗି ନିୟୋଜିତ କରିବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ। ମାତ୍ର ସମସ୍ୟା ସମାଧାନ ପର୍ଯ୍ୟନ୍ତ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପ୍ରକାରେ ସମୟ ସୀମା ମଧ୍ୟରେ ଦାବି ପୂରଣ ନ ହେଲେ ପୁନର୍ବାର କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଫେବୃୟାରୀ ୨୦୧୬ରୁ ବର୍ତ୍ତମାନ ସୁଧା କର୍ମଚାରୀଙ୍କ ବକେୟା ଦରମା ମିଳି ନ ଥିବା, ୨୦୦୯ରୁ ବକେୟା ଥିବା ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା, ସପ୍ତମ ବେତନ କମିଶନ ଆଧାରରେ ନିୟମିତ ଦରମା ପ୍ରଦାନ, ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ଥିବା ସର୍ଭିସ ବୁକ୍ ଅପଡେଟ୍ କରିବା ଆଦି ୧୨ ଦଫା ଦାବି ନେଇ କର୍ମଚାରୀମାନେ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ, ଜିଲା ପ୍ରଶାସନକୁ ବାରମ୍ବାର ଜଣାଇ ସମସ୍ୟା ସମାଧାନ ଲାଗି ଅନୁରୋଧ କରିଥିଲେ ସୁଦ୍ଧା ଏଥିପ୍ରତି କେହି ହେଲେ ପଦକ୍ଷେପ ନେଉ ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଥିଲେ।

### କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେଲେ



ଧାରଣାରେ ବସିଥିବା କର୍ମଚାରୀ।

## ମଦ ବିକ୍ରିକୁ ବିରୋଧ: ଦୋକାନ ଭାଙ୍ଗିଲେ ମହିଳା



ମହିଳାମାନେ ମଦ ଦୋକାନ ଭାଙ୍ଗୁଛନ୍ତି।

କୋଦଳା,୧୮।୨(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ମର୍ଦ୍ଦମେଖ ପଞ୍ଚାୟତର ବେଲଝରୀ ଗ୍ରାମ ନିକଟରେ ବହୁବର୍ଷ ଧରି ଚୋରା ମଦ କାରବାର ଚାଲିଥିଲା। ଫଳରେ ଏହି ରାସ୍ତାଦେଇ ଯାଉଥିବା ୨୫ ଗ୍ରାମର ଝିଅ, ବୋହୂଙ୍କୁ ମଦ୍ୟପମାନେ କମେଣ୍ଟ କରିବା ସହ ପ୍ରତିଦିନ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଏ ନେଇ ସରପଞ୍ଚ ହୃଷୀକେଶ ମେହେଣା ଓ ଗ୍ରାମବାସୀ ମିଶି ଗଞ୍ଜାମ ଜିଲାପାଳ, ଏସ୍‌ପି, ସ୍ଥାନୀୟ ପୋଲିସ ଅଧିକାରୀ, ଅବକାରୀ ବିଭାଗ, ତହସିଲଦାର ଓ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସୋମବାର ଅପରାହ୍ନରେ ପଞ୍ଚାୟତର ବହୁ ମହିଳା ଏକ ଶୋଭାଯାତ୍ରାରେ ଆସି ଗ୍ରାମ ନିକଟରେ ଥିବା ୩ଟି ଅସ୍ଥାୟୀ ମଦଦୋକାନକୁ ଭାଙ୍ଗି ନିଆଁ ଲଗାଇଦେଇଥିଲେ। ଆଗାମୀ ଦିନରେ ସେଠାରେ ପୁଣି ମଦବିକ୍ରି ହେଲେ ହିଂସାକାଣ୍ଡ ହେବାର ଧମକ ଦେଇଥିଲେ ଏବଂ ଏଥିପାଇଁ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଦାୟୀ ରହିବେ ବୋଲି ମେହେଣା କହିଛନ୍ତି। ଏ ନେଇ ଉକ୍ତ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କୁ ଯୋଗାଯୋଗ କରିବାରୁ ମୁଁ ଏବେ ସିଏମ୍ ଡ୍ୟୁଟିରେ ଅଛି ଥାନାକୁ ଫୋନ୍ କର ମୁଁ ଏ ବିଷୟରେ କିଛି ଜାଣିନାହିଁ। କିନ୍ତୁ ୨ମାସ ତଳେ ପଞ୍ଚାୟତବାସୀ ଦେଇଥିବା ଲିଖିତ ଅଭିଯୋଗକୁ ସ୍ୱୀକାର କରିଛନ୍ତି।

### ବ୍ୟବସାୟକୁ କେନ୍ଦ୍ରକରି ଗଣ୍ଡଗୋଳ
# ୨ ଆହତ, ୬ କୋର୍ଟଚାଲାଣ

ଗୋପାଳପୁର,୧୮।୨

ବ୍ୟବସାୟକୁ କେନ୍ଦ୍ରକରି ଦୁଇ ସମ୍ପର୍କୀୟଙ୍କ ମଧ୍ୟରେ ଗତ ଗୁରୁବାର ଗଣ୍ଡଗୋଳ ଘଟି ୨ ଜଣ ଆହତ ହୋଇଥିବା ବେଳେ ପୋଲିସ ୨ଟି ମାମଲାରେ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗୋପାଳପୁର ଥାନା ଅନ୍ତର୍ଗତ ନୂଆ ଗୋଲାବନ୍ଧ ଗ୍ରାମରେ ୟୁ. ଦମୟନ୍ତୀ ଏକ ଷ୍ଟେସ୍‌ନେରୀ ଦୋକାନ କରିଥିଲେ। ପରବର୍ତ୍ତୀ ସମୟରେ ପି. ମୀନା ଏହି ଗ୍ରାମରେ ଏକ ଷ୍ଟେସନେରୀ ଦୋକାନ ଖୋଲିଥିଲେ। ବ୍ୟବସାୟକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଲାଗି ରହିଥିଲା। ଗତ ଗୁରୁବାର ମୀନା ମାଛ କିଣିବାକୁ ବଜାରକୁ ଯାଉଥିବା ବେଳେ ଦମୟନ୍ତୀ ମୀନାଙ୍କୁ ଗାଳି ଗୁଲଜ କରିବା ଫଳରେ ଉଭୟଙ୍କ ମଧ୍ୟରେ ବଚସା ସହ ମାରପିଟ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦମୟନ୍ତୀଙ୍କ ସମ୍ପର୍କୀୟ ଭି. ଦିଲେଶ୍ୱ ରାଓ, ଭି. ବାବୁ ରାଓ, ଭି. କାମରାଜୁ ଏବଂ ମୀନାଙ୍କ ସମ୍ପର୍କୀୟ, ପି. କାମରାଜୁ, ପି. ଦଣ୍ଡାସୀ, ପି. ତୁଳସୀ ରାଓଙ୍କ ମଧ୍ୟରେ ଠେଙ୍ଗାରେ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଏଥିରେ ମୀନା ଓ ଅନ୍ୟ ଜଣେ ଆହତ ହୋଇଥିଲେ। ଏନେଇ ଗୋପାଳପୁର ଥାନାରେ ପି.କାମରାଜୁ ଲିଖିତ ଅଭିଯୋଗ କରିଥିଲେ। ନଂ. ୨୨/୧୯ରେ ମାମଲା ରୁଜୁ କରି ଭି. ଦିଲେଶ୍ୱ ରାଓ, ଭି. ବାବୁ ରାଓ, ଭି. କାମରାଜୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଦମୟନ୍ତୀଙ୍କ ମାମୁ ଭି. ଗୁରୁମୂର୍ତ୍ତିଙ୍କ ଅଭିଯୋଗ କ୍ରମେ ନଂ. ୨୩/୧୯ରେ ପୋଲିସ ମାମଲା ରୁଜୁ କରି ପି. କାମରାଜୁ, ପି. ଦଣ୍ଡାସୀ, ପି. ତୁଳସୀ ରାଓଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ପୋଡାମାରିରେ ଶ୍ରଦ୍ଧାଞ୍ଜଳି ସଭା

ଦିଗପହଣ୍ଡି,୧୮।୨(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ଗ୍ରାମରେ ରବିବାର ଆୟୋଜିତ ଜନସଭାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଗ୍ରାମ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତର୍ଯାମୀ ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳୀ ନାୟକ, ସରପଞ୍ଚ ପ୍ରତିନିଧି ସନ୍ତୋଷ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟିକା ୫୫ ହିତାଧିକାରୀଙ୍କୁ ଘରପଟ୍ଟା, ୧୬ ଶହ ପରିବାରକୁ ଏଲଇଡି ବଲ୍‌ବ, ବାର୍ଦ୍ଧକ୍ୟ ଭତ୍ତା ଓ ପଞ୍ଚାୟତ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସାନଖେମୁଣ୍ଡି ବିଡିଓ ଶିବ ଶଙ୍କର ମିଶ୍ର, ତହସିଲଦାର ଅମିତ କୁମାର ନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କୈବର୍ତ୍ତ ସମାଜ କୋଠା ଉଦ୍‌ଘାଟିତ

ପୋଲସରା,୧୮।୨(ଡି.ଏନ.ଏ.)

ପୋଲସରା ବ୍ଲକ ମଧୁପଲି ଗ୍ରାମରେ ନିର୍ମିତ କୈବର୍ତ୍ତ ସମାଜର ନୂତନ କୋଠାକୁ ରବିବାର ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିସହ ବିଧାୟକ ପଞ୍ଚାୟତରେ ରହିଥିବା ବିଭିନ୍ନ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଆବେଦନ କରିଥିବା ହିତାଧିକାରୀଙ୍କ ସମସ୍ୟା, ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଆଲୋଚନା କରିଥିଲେ। ପରେ ବିଧାୟକ ସାହୁ ମଧୁପଲ୍ଲୀ ଓ ବଛପଲ୍ଲୀ ପଞ୍ଚାୟତରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ଓ ଏଲ୍‌ଇଡି ବଲ୍‌ବ ବଣ୍ଟନ କରିଥିଲେ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

ଫୁଲବାଣୀ ଅଫିସ, ୧୮।୨

କନ୍ଧମାଳ ଇନଡୋର ଷ୍ଟାଡିୟମରେ ଫୁଲବାଣୀ ସଟଲର୍ସ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ରାତିରେ ଶେଷ ହୋଇଛି। ଏଥିରେ ୧୯ଟି ଜିଲାର ଖେଳାଳିମାନେ ଭାଗ ନେଇଥିଲେ । ଫାଇନାଲରେ ଭୁବନେଶ୍ୱର ଯୋଡ଼ି ଚିତ୍ର ଶତପଥୀ ଓ ରିଶି ଅଗ୍ନିହୋତ୍ରୀ ଚାମ୍ପିୟନ୍ ହୋଇଥିବା ବେଳେ ସମ୍ବଲପୁର ଦଳର ପ୍ରମୋଦ ରାଣା ଏବଂ ସୌରଭ ଭୂୟାଁ ରନର୍ସଅପ ହୋଇଥିଲେ । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଉମା ଚରଣ ମଲ୍ଲିକ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଦଳକୁ ଯଥାକ୍ରମେ ୧୬ ହଜାର ଓ ୧୨ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । ୩ୟ ସ୍ଥାନ ଅଧିକାର କରିଥିବା ସୋନପୁର ଦଳକୁ ୮ ହଜାର ଟଙ୍କା ସହିତ ଟ୍ରଫି, ୪ର୍ଥ ସ୍ଥାନ ଅଧିକାର କରିଥିବା ବ୍ରହ୍ମପୁରର ଯୋଡ଼ିଙ୍କୁ ୪ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ସବ୍ ଜୁନିୟର ସିଙ୍ଗଲ୍‌ସ୍‌ରେ ଆଶୁତୋଷ ଚାମ୍ପିୟନ ଓ ଡ଼ବଲ୍ସରେ ପ୍ରତୀ ଏବଂ ସୌରଭ ଚାମ୍ପିୟନ୍ ହୋଇଥିବା ବେଳେ ଆସ୍ତିକ୍ ଏବଂ ଆଶୁତୋଷ ରନର୍ସଅପ ହୋଇଥିଲେ । ଜୁନିୟର ବିଭାଗ ସିଙ୍ଗିଲ୍‌ରେ ସମ୍ବିତ୍ ପ୍ରଧାନ ଚାମ୍ପିୟନ, ଅଭିଜିତ୍ ପଟ୍ଟନାୟକ ରନର୍ସଅପ, ଡବଲ୍ସରେ ମନିଷ୍ ଓ ମଣିକାନ୍ତ ଚାମ୍ପିୟନ ହୋଇଥିବା ବେଳେ ଅଭିଜିତ୍ ଏବଂ ସମ୍ବିତ୍ ରନର୍ସଅପ ଭାବେ ପୁରସ୍କୃତ ହୋଇଥିଲେ । ରୁପକ ମହାନ୍ତି ରେଫରି ଥିଲେ । ଯୁବ କ୍ରୀଡ଼ାବିତ୍ ଇଂ.ହୃଦୟ ରଞ୍ଜନ ବେହେରା, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ସହର ବଣିକ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକ, ମାନସ ପାତ୍ର, ପ୍ରମୋଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅଶୋକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ସଟଲର୍ସର ସଭାପତି ପଦ୍ମ ଚରଣ ମହାନ୍ତି ପ୍ରାରମ୍ଭିକ ସୂଚନା, ସମ୍ପାଦକ ସବ୍ୟସାଚୀ ଦଲାଲ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ରବି ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ । ଉପ ସଭାପତି ବୁନା ପ୍ରଧାନ, ଉପଦେଷ୍ଟା ଦୀପକ କୁମାର ମହାନ୍ତି, ସୁବ୍ରତ କୁମାର ପାଣିଗ୍ରାହୀ, ବାଦଲ ସାହାଣୀ, ପ୍ରତୀପ ପ୍ରଧାନ, ବୁର୍ବବାହାନ ବେହେରା, ଆଶିଷ୍ ବେହେରା, ଅଭିଶେଷ ସୁବୁଦ୍ଧି ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ